# ଘରଣୀ

ସିନ୍ଦୁରା ଫାଟିବା ପୂର୍ବରୁ

ସିନ୍ଦୁର ଥାଏ ସିନ୍ଥିରେ

ଆଖି ନିଦ ମଳ ମଳ

ଦେହ ଅଳସପୂର୍ଣ୍ଣ

ଶୁଭିଯାଏ ଚୁଡିର ରୁଣ ଝୁଣ

ଇତଃସ୍ତତଃ ବାସନ କୁସନ

ଧା ଧପଡ ପାଦର ଧ୍ୱନି

ସେମିତି ଶୋଇରହିଥାଏ ସିଙ୍ଖାଣି

ଭାରି ବ୍ୟସ୍ତ ଥାନ୍ତି ଘରଣୀ ।

ବ୍ୟସ୍ତତା ଭିତରେ ପଚାରିଦିଏ

କାହାକୁ ଅଧିକା ଭଲପାଅ

କବିତା ନା ବିଜ୍ଞାନ

ଜୀବିକା ନା ଜୀବନ ?

ଚୁପ ରୁହ ,

କହିବ କହିବ ହୋଇ କୁହ ନାହିଁ

ପୁଣି କିଛି କହିଦିଅ

ନୀରବରେ, ଏକାନ୍ତରେ

ମନରେ ମନରେ

ଏମିତି କୁହ ...

ଓଠ ମୋ ଗୋଲାପି ଆଜି

ତୁମରି ପ୍ରେମରେ

ହୃଦୟ ମୋ ପରିପୂର୍ଣ୍ଣ

ତୁମ ପ୍ରଣୟରେ

ଆତ୍ମା ମୋ ପରିତୃପ୍ତ

ତୁମ ସାନ୍ନିଧରେ । (୧)

ସାନ୍ନିଧ ଆସିଲେ

ପ୍ରେମ ଆସେ ପ୍ରଣୟ ଆସେ

ଆସେ ପୁଣି ବିରହ ବେଦନା

ଅଭିସାରର ଯନ୍ତ୍ରଣା

ଦୂରତ୍ୱ ହୋଇଯାଏ କୋଶ କୋଶ

ଚାହିଁ ରହିବାରେ ନଥାଏ ଶେଷ

ସେମିତି ଚାହିଁ ରହିଥାଏ କାଗଜ କଲମ

ଏକାକୀ ବ୍ୟଥିତ ହୃଦୟ

ଚିଠି ଲେଖିବାର ନିଆରା ସମୟ

ଚିଠି ଲେଖାହୁଏ ବସ୍ତ୍ରେରେ

ସ୍ୟାହି ଶୂନ୍ୟହୁଏ ବଙ୍ଗରେ

ସେମିତି ରାତି ସରିଯାଏ ପଶ୍ଚିମ ଦେଶେ

ସୂର୍ଯ୍ୟ ଉଇଁ ଆସେ ପୂର୍ବ ଆକାଶେ

ସକାଳ ହେଉ ହେଉ ପଚାରିଦିଏ

କେଉଁଥିରେ ବେଶୀ ଖୁସି

ପ୍ରେମ ନା ପ୍ରଣୟ

ପ୍ରଥମା ନା ଦ୍ୱିତୀୟା

ପ୍ରିୟା ନା ଜାୟା ?

ପୁଣି ଚୁପ ରୁହ

ଗୁଣୁ ଗୁଣୁ ହୋଇ କହିଦିଅ

କିଛି ତ କୁହ

ଝାପସା ଝାପସା ବୁଝିହୁଏ

ଏମିତି କୁହ ... ...

ମୁଁ ଯେ ଆଜି ସୁସଂପୂର୍ଣ୍ଣା, ସୁଲକ୍ଷଣା

ତୁମ ଦତ୍ତ

ଦୁଇ ପଟ ଶଙ୍ଖା ଆଉ

ଟୋପାଏ ସିନ୍ଦୁରରେ

ଗୋଡ ଆଙ୍ଗୁଠି ମୁଦି ଆଉ

ପାଟ ଓଢଣୀରେ

ଏବେବି କଣ ତୁମେ ଭାବ

ଆଉ କିଛି ଲୋଡା ଅଛି

ଆଜି ପାଇଁ,  କାଲି ପାଇଁ

ସାତ ଜନମ ପାଇଁ । (୨)

ସାତ ଜନମର ସାକ୍ଷୀ ସହ

ପ୍ରାସଙ୍ଗିକ ହୁଏ ଅପ୍ରିୟ ସତ୍ୟ

ଅପ୍ରତ୍ୟାଶିତ ସାମାଜିକ ତତ୍ତ୍ୱ

ବିତର୍କ ଝିଅ ବନାମ ଦୁହିତା

ଘରଣୀ ଆଉ ଗୃହିଣୀର କଥା

ସୀତା, ସାବିତ୍ରୀଙ୍କ ନିଛକ ପ୍ରେମ

ଊର୍ମିଳା, ଦମୟନ୍ତୀଙ୍କ ପତ୍ନୀ ଧର୍ମ

ଅବା ପ୍ରସଙ୍ଗ ହୁଏ "ବଧୂ ନିରୂପମା"

ସତ୍ୟାଗ୍ରହୀ ମା କସ୍ତୁରବା

ତୁମେ କିନ୍ତୁ ଏଥର ପୁରା ଚୁପ ରୁହ

ନୀରବ, ନିଶ୍ଚଳ

ଖାଲି ଶୁଣିଚାଲ

ଘରଣୀ ଆଉ ଗୃହିଣୀର ତର୍କ

ଝିଅ କି ବହୂର ସମକକ୍ଷ !

କାହାର ଶୋକ ତ କାହାର ସୁଖ

କେତେବଳେ ଘରଣୀ ବିନ୍ୟାସ

ତ ଆଉ କେତେବେଳେ ଗୃହିଣୀ ନିର୍ଯ୍ୟାସ

ବହୁ ସମୟ ପରେ

ନୀରବତା ଭଙ୍ଗ ହୁଏ

ଯାଉ ଯାଉ ତର ତରରେ କହିଦିଅ

ଏମିତି କୁହ ... ... ...

କିଛି ପ୍ରଶ୍ନର ଉତ୍ତର ହେଲା ନୀରବତା

ହେଲେ ନୀରବତାର ସୂଚନା କ'ଣ ?

ପ୍ରଶ୍ନଟି ବୁଝି ହୁଏନା

ନା ଉତ୍ତରଟି ଅଜଣା

ହୋଇପାରେ ତାହା

ଅସଂଖ୍ୟ ଶବ୍ଦରାଶିର ଅସରନ୍ତି ଆନ୍ଦୋଳନ

ସଂଖ୍ୟର ପ୍ରଥମ ଗୁଞ୍ଜନ

ଆଉ ହୃଦୟରେ ଛୁପଥିବା

ବହୁ ଅସାମଧିତ ପ୍ରଶ୍ନର

ନୀରବ ପ୍ରତିଫଳନ । (୩)

ହିମାଂଶୁ ଶେଖର ବିଶ୍ୱାଳ, ୩୦-୦୫-୨୦୧୨, ଭୁବନେଶ୍ୱର, ଓଡିଶା